**Pragativadi, Bhubaneshwar, Sep 8 2008**

# ଆଇଟି କ୍ୱିଜ୍ ପ୍ରତିଯୋଗିତାରେ ପୋଖରୀପୁଟ ଡିଏଭି ଚାମ୍ପିଅନ୍



**ଭୁବନେଶ୍ୱର,ତା୭।୯(ପିଏନ୍ଏସ୍):** ଟାଟା କନ୍ସୁ୍ୟଲେନସି ପକ୍ଷରୁ ଆନ୍ତଃସ୍କୁଲ କ୍ୱିଜ୍ ପ୍ରତିଯୋଗିତା ଇତି ମଧ୍ୟରେ ସମାପ୍ତ ହୋଇଛି । ଏହି କ୍ୱିଜ୍ ପ୍ରତିଯୋଗିତାରେ ୧୫୦ଟି ସ୍କୁଲର ମୋଟ୍ ୧୦୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲାବେଳେ ଅନ୍ତିମଦିବସରେ ୬ଟି ବିଦ୍ୟାଳୟ ଛାତ୍ରମାନେ ଅଂଶଗ୍ରହଣ କରି ଆଇଟି ସମ୍ପର୍କୀତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଏଥିରେ ପୋଖରୀପୁଟ ଡିଏଭି ସ୍କୁଲର ଛାତ୍ର ଆରୋଜ୍ୟୋତି ଦାସ ଓ ଅମ୍ବରିଶ ଷଡ଼ଙ୍ଗୀ ବିଜୟ ଲାଭ କରି ପୁରସ୍କୃତ ହୋଇଥିବାବେଳେ ରନର୍ସ ଅପ୍ ଭାବେ ଲୟଲା ସ୍କୁଲର ଛାତ୍ର ଆକାଶ ମିଶ୍ର ଓ ଅଭୟ ନାୟକ ପୁରସ୍କୃତ ହୋଇଥିଲେ । ଏହି ଟିସିଏସ୍ ଆଇଟି ୱିଜରେ ୮ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ଡିଏଭି ପୋଖରୀପୁଟ ଚାମ୍ପିଅନ୍ ହୋଇଥିବାବେଳେ ଡିଏଭି ପୋଖରୀପୁଟ ଚାମ୍ପିଅନ୍ ହୋଇଥିଲା । ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟରର ସିଇଓ ବିଶାଲ୍ କେ ଦେଓ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ ।